# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 December - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ପୁଲିସ ବାହିନୀକୁ ସଶକ୍ତ କରିବା ଲାଗି ଖୁବ୍‌ଶୀଘ୍ର ଦଶ ହଜାର ପଦବୀ ପୂରଣ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ

– କମିଶନରେଟ୍ ପୁଲିସ ପାଇଁ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର କଲେ ଲୋକାର୍ପଣ

- ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହେଲା ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ଶୀତ; ୭ଟି ଜିଲ୍ଲାରେ ଘନ କୁହୁଡ଼ି ସମ୍ଭାବନା

*BBSR/R*

# ଇ.ଆର.ଏସ୍.ଏସ୍.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସ ପାଇଁ ଏମରଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ- ଇ.ଆର୍.ଏସ୍.ଏସ୍. ଯୋଜନାରେ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର ଲୋକାର୍ପଣ କରିଛନ୍ତି। ଭୁବନେଶ୍ୱର କମିଶନରେଟ୍ ପୁଲିସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଲିସ ବାହିନୀକୁ ଆହୁରି ସଶକ୍ତ କରିବା ପାଇଁ ଗୃହ ବିଭାଗରେ ଖୁବ୍‌ଶୀଘ୍ର ୧୦ ହଜାର ପଦବୀ ପୂରଣ କରାଯିବ। ସେହିଭଳି ପ୍ରାୟ ୫ ହଜାର ଗୃହରକ୍ଷୀ ପଦବୀ ପୂରଣ କରାଯିବ। ଏଥିସହ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଇ.ଆର୍.ଏସ୍.ଏସ୍. ଯୋଜନାରେ ୩୦ଟି ଯାନ ମଧ୍ୟରୁ ୨୨ଟି ଭୁବନେଶ୍ୱରରେ ଓ କଟକରେ ୮ଟି ଯାନ କାର୍ଯ୍ୟ କରିବ। ଆଗାମୀ ଦିନରେ ପାଟ୍ରୋଲିଂ, ଅପରାଧୀ ଏବଂ ପୀଡ଼ିତାଙ୍କ ପାଖରେ ତୁରନ୍ତ ପହଁଞ୍ଚିବା ପାଇଁ ପୁଲିସକୁ ହାଇସ୍ପିଡ୍ ଗାଡ଼ି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଅନୁସାରେ, ଇ.ଆର.ଏସ୍.ଏସ୍. ଯୋଜନା ଦିଲ୍ଲୀର ନିର୍ଭୟା ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆରମ୍ଭ କରିଥିଲେ।

## ମୁଖ୍ୟମନ୍ତ୍ରୀ- ଧାନସଂଗ୍ରହ

ଭୁବନେଶ୍ୱର ଲୋକସେବା ଭବନରେ ଆଜି ଧାନ ସଂଗ୍ରହ ବ୍ୟବସ୍ଥାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଧାନ ସଂଗ୍ରହକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସୋସାଇଟି ସ୍ତରୀୟ ଧାନ କିଣା କମିଟି ଗୁଡିକୁ ଆହୁରି ସକ୍ରିୟ କରିବା ତଥା ଚାଷୀଙ୍କୁ ସଚେତନ ଓ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତକାଲି ସୁଦ୍ଧା ବରଗଡ଼, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୯ଟି ଜିଲ୍ଲାର ୩୭ ହଜାର ଅଣାଅସୀ ଜଣ ଚାଷୀ ୧ ଲକ୍ଷ ୮୧ ହଜାର ୧୯୬ ମେଟ୍ରିକ ଟନ୍ ଧାନ ବିକ୍ରି କରିଛନ୍ତି।

***BBSR/R***

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ୧୬ ତାରିଖ ସୋମବାର ଦିନ ଅନୁଷ୍ଠିତ ହେବ। ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନଶୁଣାଣି ହେବ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇବା ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ ସେହିମାନଙ୍କ ପାଇଁ ଶୁଣାଣି ଅନୁଷ୍ଠିତ ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

***CTC***

## ବକ୍ସ ଡ୍ରେନ୍ ନିର୍ମାଣ

କଟକ ସହର ଭିତରେ ଆଉ ୫ଟି ବକ୍ସ ଡ୍ରେନ୍ ନିର୍ମାଣ କରିବା ଲାଗି କଟକ ମହାନଗର ନିଗମ ପକ୍ଷରୁ ଯୋଜନା କରାଯାଇଛି। ଏଥିପାଇଁ ୩୩୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପର ସରକାରୀ ମଞ୍ଜୁରୀ ଲାଗି ପଠାଯାଇଥିବା ମହାନଗର ନିଗମ କର୍ତ୍ତୃପକ୍ଷ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। କଟକ ସହର ସମସ୍ୟା ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ମହାନଗର ନିଗମ ସିଟି ଇଞ୍ଜିନିୟର ଏହି ତଥ୍ୟ ପ୍ରଦାନ କରିଛନ୍ତି। ତାଳଦଣ୍ଡା କେନାଲକୁ ପ୍ରଦୂଷଣମୁକ୍ତ ରଖିବା ଲାଗି ୩୨ କୋଟି ଟଙ୍କାର ନୂଆ ପ୍ରକଳ୍ପ କରାଯିବ। ବଜ୍ରକବାଟି ବକ୍ସ ଡ୍ରେନ୍‌କୁ ମାତୃଭବନ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ ବୋଲି ଓ୍ୱାଟ୍‌କୋ

ପକ୍ଷରୁ ମଧ୍ୟ ଆଜି ସତ୍ୟପାଠ ଦାଖଲ କରାଯାଇଛି । ଅନ୍ୟପକ୍ଷରେ ଶିଶୁ ଭବନ ପରିସରର ସମସ୍ତ ଜବରଦଖଲକୁ ତୁରନ୍ତ ହଟାଇବା ସହ ସତ୍ୟବ୍ରତ ଷ୍ଟାଡିୟମକୁ ବ୍ୟବହାର ଯୋଗ୍ୟ କରିବା ଲାଗି ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ବ୍ୟାଡମିଣ୍ଟନ ହାଇରପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ସଟଲ'ର ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ତଥା ଭାରତ ବ୍ୟାଡମିଣ୍ଟନ ସଂଘର ସଭାପତି ହିମନ୍ତ ବିଶ୍ୱଶର୍ମା ଯୋଗ ଦେଇଛନ୍ତି । ଆଜିର ଏହି ଉଦ୍‌ଘାଟନୀ ଉତ୍ସବ ରାଜ୍ୟର କ୍ରୀଡ଼ା କ୍ଷେତ୍ରର ଯୁବ ପ୍ରତିଭାଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ରାଜ୍ୟରୁ ଯେପରି ବହୁ ସଂଖ୍ୟକ ଖେଳାଳି ବ୍ୟାଡମିଣ୍ଟନରେ ଭାଗ ନେବେ, ସେ ନେଇ ସରକାରଙ୍କ ପ୍ରଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି । ଦେଶରେ ବ୍ୟାଡମିଣ୍ଟନ ଖେଳର ବିକାଶ ପାଇଁ ବ୍ୟାଡମଣ୍ଟନ ଆସୋସିଏସନ୍ ଅଫ ଇଣ୍ଡିଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଆଜି କ୍ରୀଡ଼ା କ୍ଷେତ୍ରରେ ଶକ୍ତିକେନ୍ଦ୍ର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

***Puri/R***

## ହିମନ୍ତ ବିଶ୍ୱଶର୍ମା– ମହାପ୍ରଭୁ ଦର୍ଶନ

ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେ ମହାପ୍ରଭୁଙ୍କ ପାଖରେ ଦେଶର ମଙ୍ଗଳ କାମନା କରିଛନ୍ତି। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ହେଉଛି ମୂଳପୀଠ। ଅନ୍ୟ ଯେକୌଣସି ସ୍ଥାନରେ ମନ୍ଦିର ଗଢ଼ାଗଲେ ମଧ୍ୟ ତାହା ଶ୍ରୀମନ୍ଦିର ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

***Puri/R***

## ଇଣ୍ଟରନ୍ୟାସନାଲ ବିଚ୍ ଆଣ୍ଡ ସ୍ପୋର୍ଟସ

ପୁରୀ ବେଳାଭୂମିରେ ତିନିଦିନ ଧରି ଚାଲିଥିବା ଇଣ୍ଟରନ୍ୟାସନାଲ ବିଚ୍ ଆଣ୍ଡ ସ୍ପୋର୍ଟସ କାର୍ନିଭାଲ ଆଜି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଏହି ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ସାମୁଦ୍ରିକ କ୍ରୀଡ଼ା ରାଜ୍ୟରେ ଲୋକପ୍ରିୟ ହେବା ନେଇ ମନ୍ତ୍ରୀ ଶ୍ରୀ ସୁରଜ ଆଶାବ୍ୟକ୍ତ କରିଥିଲେ। ଏହି କ୍ରୀଡ଼ା ମହୋତ୍ସବରେ ଭାରତ ଏବଂ ଶ୍ରୀଲଙ୍କା ସହିତ ମୋଟ୍ ୧୦ଟି ଦେଶରୁ ୩୫ ଜଣ ପ୍ରତିନିଧିଙ୍କ ସହ ୬୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।

*Desk*

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜିଉଙ୍କ ବନକଲାଗି ନୀତି ହେଉଛି । ଦ୍ୱିତୀୟ ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ଏହି ନୀତି ଆରମ୍ଭ ହୋଇଛି । ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ବନକଲାଗି ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉଙ୍କ ମହାସ୍ନାନ ହେବ। ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

*Repeat (Puri)*

## ବ୍ୟଞ୍ଜନ ଦ୍ୱାଦଶୀ

ମାର୍ଗଶୀର ମାସ ଶୁକ୍ଳପକ୍ଷ ବ୍ୟଞ୍ଜନ ଦ୍ୱାଦଶୀ ତିଥିରେ ଆଜି ପୁରୀ ଶ୍ରୀକ୍ଷେତ୍ରସ୍ଥିତ ଗୌରବିହାର ଆଶ୍ରମରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି। ରାଧାକୃଷ୍ଣଙ୍କ ପାଖରେ ପ୍ରାୟ ୮୫୧ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ପିଠା, ମିଠା, ଅନ୍ନ, ଶାଗମୁଗ, କ୍ଷୀରି ଆଦି ଲାଗି କରାଯାଇଥିଲା। ଯଶୋଦା ମାଆ ତାଙ୍କ ପୁତ୍ର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ନାନାଦି ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଆଜିର ଦିନରେ ଖାଇବାକୁ ଦେଇଥିବାର କିମ୍ବଦନ୍ତୀ ରହିଛି।

*CTC*

## ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନସେବା କମିଟି ପରିସରରେ ଆସନ୍ତା ୧୪ ତାରିଖ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ପ୍ରାକ୍ ତଥା ବିଚାରାଧୀନ ମୋକଦ୍ଦମାଗୁଡ଼ିକର ଆପୋଷ ସହମତିରେ ସମାଧାନ ହୋଇପାରିବ।

***Sambalpur***

## ଯୁବ ମହୋତ୍ସବ

ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି ଚିତ୍ରାଙ୍କନ, ବିତର୍କ, ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ନେହରୁ ଯୁବାକେନ୍ଦ୍ର ଓ ଭାରତ ବିକାଶ ପକ୍ଷରୁ ଆୟୋଜିତ ଏହି ଉତ୍ସବରୁ ମନୋନୀତ ଛାତ୍ରଛାତ୍ରୀ ରାଜ୍ୟ ଓ ପରେ ଜାତୀୟ ସ୍ତରୀୟ ମହୋତ୍ସବରେ ଭାଗ ନେବେ।

***Boudh***

## ସ୍ୱାସ୍ଥ୍ୟସେବା ଦିବସ

ବୌଦ୍ଧ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳନ କରାଯାଇଛି। ଏହି ଅବସରେ ଆୟୋଜିତ ଏକ ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏ.ଏନ୍.ଏମ୍. ତାଲିମ କେନ୍ଦ୍ରର ଛାତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ।

*Desk*

# ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଦୁଇ ଦିନ ମଧ୍ୟରେ ଜଗତସିଂହପୁର, ସମ୍ବଲପୁର, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବରଗଡ଼, ଝାରସୁଗୁଡ଼ା ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ କୁହୁଡ଼ି ଅନୁଭୂତ ହେବାର ସମ୍ଭାବନା ରହିଛି। ଅପରପକ୍ଷରେ ଗତକାଲି ରାଉରକେଲାଠାରେ ରାତିର ସର୍ବନିମ୍ନ ତାପମାତ୍ରା ୧୦ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

*Desk*

# ଜାତୀୟ ବରିଷ୍ଠ ପୁରୁଷ ଫୁଟବଲ

ହାଇଦ୍ରାବାଦରେ ୭୮ତମ ଜାତୀୟ ବରିଷ୍ଠ ପୁରୁଷ ଫୁଟବଲ୍ ଚାମ୍ପିଅନ୍‌ସିପ୍ ସନ୍ତୋଷ ଟ୍ରଫିର ଫାଇନାଲ୍ ରାଉଣ୍ଡ ଆସନ୍ତା ୧୪ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନଭେମ୍ବର ମାସରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ୍ ରାଉଣ୍ଡ୍‌ରେ ଓଡ଼ିଶା ୨ଟି ବିଜୟ ପରେ ଫାଇନାଲ୍ ରାଉଣ୍ଡ୍‌କୁ ଆସିଛି। ଅର୍ପଣ ଲାକ୍ରାଙ୍କୁ ସନ୍ତୋଷ ଟ୍ରଫି ପାଇଁ ଘୋଷିତ ୨୨ ଜଣିଆ ଓଡ଼ିଶା ଦଳର ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳରେ ସଞ୍ଜୟ ହେମ୍ବ୍ରମ୍, ସିଦ୍ଧାନ୍ତ ପ୍ରଧାନ, ରାହୁଲ ଓରାମ ପ୍ରମୁଖ ଖେଳାଳୀ ରହିଛନ୍ତି।